# NATIONAL NEWS BULLETIN (ODIA)

**8 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି 'ନାରୀ ଶକ୍ତି ସେ ବିକଶିତ ଭାରତ' ସମ୍ମିଳନୀ

- ମହିଳା ସଶକ୍ତିକରଣ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

- ଆସନ୍ତା ୧୧ ତାରିଖରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- ଭାରତ ଓ ସିଙ୍ଗାପୁର ମଧ୍ୟରେ ଅଷ୍ଟାଦଶ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟ ସ୍ତରୀୟ ଆଲୋଚନା ଅନୁଷ୍ଠିତ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ୱାରିଅର୍ସ ମଧ୍ୟରେ ହେବ ମୁକାବିଲା

---

## ପ୍ରେଜ୍- ୱିମେନ୍ସ ଡେ

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ନୂଆଦିଲ୍ଲୀରେ ଆଜି 'ନାରୀ ଶକ୍ତି ସେ ବିକଶିତ ଭାରତ' ଶୀର୍ଷକ ଦିନିକିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମିଳନୀରେ ଅଧ୍ୟକ୍ଷତା

କରୁଛନ୍ତି । ରାଷ୍ଟ୍ରପତି କହିଛନ୍ତି, ମହିଳାଙ୍କ ଅବଦାନକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି । ମହିଳାମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଲିଙ୍ଗଗତ ସମାନତାକୁ ସମ୍ମାନ ଜଣାଇବାରେ ଏହି ଦିବସ ଏକ ସୁଯୋଗ ପ୍ରଦାନ କରିଛି ।

**V/O**

ଏହି ଦିବସ ପାଳନ ଅବସରରେ ସମ୍ମିଳନୀରେ ଆଜି ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଏବଂ ୩ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଉପସ୍ଥିତ ଥିଲେ ।

---

# ପିଏମ୍-ଲକ୍ଷପତି ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ସଶକ୍ତିକରଣ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଗୁଜରାଟର ନବସାରୀ ଠାରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି, ସମଗ୍ର ଦେଶରେ ଶୌଚାଳୟ ନିର୍ମାଣ କରାଯାଇ ମହିଳାଙ୍କର ଦୈନନ୍ଦିନ ଜୀବନକୁ ଅଧିକ ସୁରକ୍ଷିତ କରାଯାଇଛି, ଯାହା ସେମାନଙ୍କ ସମ୍ମାନକୁ ପୁନରୁଦ୍ଧାର କରିଛି । ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ମହିଳାଙ୍କର ଆବଶ୍ୟକତାକୁ ପୂରଣ କରିବା ସହିତ ସମାଜରେ ସେମାନଙ୍କୁ ଅଧିକ ସମ୍ମାନଜନକ ଏବଂ ସହାୟକ ବାତାବରଣ ପ୍ରଦାନ କରାଯାଇ ପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ଏହି ଅବସରରେ ଶ୍ରୀ ମୋଦୀ ୨୫ ହଜାରରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ଅଢ଼େଇଲକ୍ଷରୁ ଅଧିକ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ୪୫୦ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ୫ ଜଣ ଲକ୍ଷପତି ଦିଦିଙ୍କୁ ଶ୍ରୀ ମୋଦୀ ଲକ୍ଷପତି ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଗୁଜରାଟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଜି-ସଫଲ ଏବଂ ଜି-ମୈତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ, ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷପତି ଦିଦି ଯୋଜନାର ଶୁଭାରମ୍ଭ କରିଥିଲେ। କୃଷି, ପଶୁପାଳନ, କ୍ଷୁଦ୍ରଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ବର୍ଷକୁ ଅତିକମ୍‌ରେ ୧ଲକ୍ଷ ଟଙ୍କା ଆୟ କରୁଥିବା ସୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟଙ୍କୁ ଲକ୍ଷପତି ଦିଦି ଭାବେ ମାନ୍ୟତା ପ୍ରଦାନ କରାଯାଇଥାଏ । ସେମାନଙ୍କୁ ସରକାର ଆର୍ଥିକ ସହାୟତା ଏବଂ ଧନ୍ଦାମୂଳକ ତାଲିମ ପ୍ରଦାନ କରିଥାନ୍ତି । ଗୁଜରାଟରେ ପ୍ରାୟ ଦେଢ଼ଲକ୍ଷ ମହିଳା ଏବେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଅଧିକ ଆୟ କରି ଲକ୍ଷପତି ଦିଦିର ମାନ୍ୟତା ପାଇଛନ୍ତି ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନବସାରୀ ଜିଲ୍ଲାରେ ଲକ୍ଷପତି ଦିଦି ଯୋଜନାର ୧୦ ଜଣ ହିତାଧିକାରୀଙ୍କ ସହ ମତବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ସାଂସଦ ସି.ଆର୍. ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ମୋଦୀ ଦୁଇଦିନିଆ ଗସ୍ତରେ ଯାଇ ଗତକାଲି ଗୁଜରାଟରେ ପହଞ୍ଚିଥିଲେ ।

---

## ଆକାଶବାଣୀ-ଓ୍ୱିମେନ୍ସ ଡେ

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରାଯାଉଛି । ଏହି ଉପଲକ୍ଷେ ଆଜି ଆକାଶବାଣୀର ଇଂରାଜୀ ଏବଂ ହିନ୍ଦୀ ବୁଲେଟିନ୍ ଗୁଡ଼ିକ ମହିଳା ସମ୍ବାଦ ପାଠକମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଉପସ୍ଥାପନ କରାଯାଉଛି । ଏହି ପଦକ୍ଷେପ ମଧ୍ୟରାତ୍ରିରୁ ଆରମ୍ଭ ହୋଇ ଦିନସାରା ଚାଲିବ ବୋଲି ଜଣାପଡ଼ିଛି । ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସବୁ ମୁଖ୍ୟ ଏବଂ ଏକଘଣ୍ଟିଆ ବୁଲେଟିନ୍ ସହିତ ଇଂରାଜୀ ଏବଂ ହିନ୍ଦୀରେ ପ୍ରସାରିତ ହେଉଥିବା ନିଉଜ୍ ମାଗାଜିନ୍ କାର୍ଯ୍ୟକ୍ରମକୁ ମଧ ମହିଳା ସମ୍ବାଦ ପାଠକମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଉଛି ।

ଏତଦ୍‌ବ୍ୟତୀତ ମହିଳାମାନେ ମଧ୍ୟ ଆକାଶବାଣୀର ସମ୍ବାଦ ସେବା ବିଭାଗ ତରଫରୁ ଦିନରେ ପ୍ରସାରିତ ହେଉଥିବା ଇଂରାଜୀ ଏବଂ ହିନ୍ଦୀ ସମ୍ବାଦ ପ୍ରସ୍ତୁତିକୁ ଉପସ୍ଥାପନ କରିବେ । ଆକାଶବାଣୀ ସମ୍ବାଦ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆଜି ରାତି ୯ଟା ୧୫ ମିନିଟ୍‌ରୁ ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

---

# ପିଏମ୍ ମରିସସ୍ ଭିଜିଟ୍

ମରିସସ୍‌ର ଚଳିତ ବର୍ଷ ଜାତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଆସନ୍ତା ୧୧ ତାରିଖରୁ ଦୁଇ ଦିନିଆ ମରିସସ୍ ଗସ୍ତରେ ଯାଇ ଶ୍ରୀ ମୋଦୀ ୧୨ ତାରିଖ ଦିନ ଏହି ସମାରୋହରେ ଅଂଶ ଗ୍ରହଣ କରିବେ । ଭାରତୀୟ ନୌସେନାର ଏକ ଜାହାଜ ସହ ପ୍ରତିରକ୍ଷା ବାହିନୀର ଏକ ଦଳ ଏହି

ଉତ୍ସବରେ ଅଂଶଗ୍ରହଣ କରିବେ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମରିସସ୍‌ର ରାଷ୍ଟ୍ରପତି ଏବଂ ସେଠାକାର ଶୀର୍ଷ ନେତାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସେଠାକାର ଭାରତୀୟ ବଂଶୋଦ୍ଭବଙ୍କ ସହ ମତ ବିନିମୟ କରିବେ । ଭାରତର ଆର୍ଥିକ ସହାୟତାରେ ନିର୍ମିତ ସିଭିଲ୍ ସର୍ଭିସ୍ କଲେଜ ଏବଂ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିବେ । ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଏହି ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ।

ସୂଚନାଯୋଗ୍ୟ ଯେ, ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶେଷଥର ପାଇଁ ମରିସସ୍ ଗସ୍ତ କରିଥିଲେ । ଦୁଇଦେଶ ମଧ୍ୟରେ ଐତିହାସିକ, ସାଂସ୍କୃତିକ ଏବଂ ବିଭିନ୍ନ କ୍ଷେତ୍ରରେ ସୁଦୃଢ଼ ସଂପର୍କ ରହିଛି । ମରିସସ୍' ଭାରତର ଭିଜନ ସାଗରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ଼ କରିବା ସହ ପାରସ୍ପରିକ ଅଂଶୀଦାର କ୍ଷେତ୍ରରେ ପ୍ରତିବଦ୍ଧତାକୁ ଅଧିକ ସମୃଦ୍ଧ କରିବାର ଆଶା କରାଯାଉଛି ।

## ପାକ୍-ଆଫଗାନ ରିପାଟ୍ରିଏସନ୍

ଆଫଗାନିସ୍ତାନ ନାଗରିକ କାର୍ଡ ଧାରକମାନେ ଏଣିକି ସ୍ୱେଚ୍ଛାକୃତ ଭାବେ ଦେଶ ଛାଡ଼ିବା ପାଇଁ ପାକିସ୍ତାନ ସରକାର ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖକୁ ସମୟ ସୀମା ଭାବେ ଘୋଷଣା କରିଛନ୍ତି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଏକ ସରକାରୀ ଘୋଷଣାନାମାରେ କୁହାଯାଇଛି ଯେ ଏହି

ପଦକ୍ଷେପ ଆଫଗାନିସ୍ତାନ ପ୍ରବାସୀମାନଙ୍କୁ ଲକ୍ଷ୍ୟ କରି ବହୁସ୍ତରୀୟ ସ୍ଥାନାନ୍ତର ରଣନୀତିର ଏକ ଅଂଶ । ଯେଉଁଥିରେ ଇସ୍‌ଲାମାବାଦ ଏବଂ ରାଓଲପିଣ୍ଡିରେ ରହୁଥିବା ସହ ତୃତୀୟ ଦେଶରେ ପୁନଃସ୍ଥାପନ ଅପେକ୍ଷାରେ ଥିବା ବ୍ୟକ୍ତିମାନେ ମଧ୍ୟ ସାମିଲ ଅଛନ୍ତି । ଏକ ଘୋଷଣାନାମା ଅନୁଯାୟୀ, ଏସ୍‌ସିସି ଧାରକଙ୍କ ପ୍ରତ୍ୟର୍ପଣ ଚଳିତବର୍ଷ ଏପ୍ରିଲ୍ ୧ରୁ ଆରମ୍ଭ ହେବ । ଆତଙ୍କବାଦ ପ୍ରସଙ୍ଗରେ ଇସଲାମାବାଦ ଏବଂ କାବୁଲ ମଧ୍ୟରେ ସଂପର୍କ ଖରାପ ହେବା ଯୋଗୁଁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଯୋଜନା ଅନୁଯାୟୀ କାଗଜପତ୍ର ବିହୀନ ଅଗଣିତ ପ୍ରବାସୀଙ୍କ ସହିତ ଆଫଗାନିସ୍ତାନ ନାଗରିକ କାର୍ଡ ଧାରଣ କରିଥିବା ୮ଲକ୍ଷରୁ ଅଧିକ ଆଫଗାନିସ୍ତାନ ଶରଣାର୍ଥୀ ଏହା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି ।

---

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ଡୁବ୍‌ଲିନ୍‌ଠାରେ ତାଙ୍କର ଆୟାରଲ୍ୟାଣ୍ଡ ପ୍ରତିପକ୍ଷ ସାଇମଣ୍ଡ ହାରିସ୍‌ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଉଭୟ ବୈଦେଶିକ ମନ୍ତ୍ରୀ ଭାରତ-ଆୟାରଲ୍ୟାଣ୍ଡ ଦ୍ୱିପକ୍ଷୀୟ ସହଯୋଗ ଏବଂ ବିଭିନ୍ନ କ୍ଷେତ୍ରରେ ସଂପର୍କକୁ ପୁନର୍ଜୀବିତ କରିବା ଲାଗି ନୂତନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରିଛନ୍ତି । ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ ଓ ବୈଷୟିକ ଜ୍ଞାନକୌଶଳର ସଂଯୋଗକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏକ ଯୁଗ୍ମ ଅର୍ଥନୈତିକ ଆୟୋଗ ଗଠନ କରିବା ଲାଗି ଉଭୟ ସହମତ ହୋଇଛନ୍ତି । ଏହାଛଡ଼ା ଦୁଇ ନେତା ୟୁକ୍ରେନ୍ ଦ୍ୱନ୍ଦ୍ୱ, ଆଫଗାନିସ୍ଥାନ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସମେତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ବିନିମୟ

କରିଛନ୍ତି । ପରେ ଡକ୍ଟର ଜୟଶଙ୍କର ସେଠାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ଭାବ ବିନିମୟ କରି ବିକଶିତ ଭାରତ ଯାତ୍ରାରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

## ୱିମେନ୍ସ ପ୍ରିମିୟର

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ୱାରିଅର୍ସ ମଧ୍ୟରେ ମୁକାବିଲା ହେବ ।

ବର୍ତ୍ତମାନ ସୁଦ୍ଧା ଗୁଜରାଟ ଜାଏଣ୍ଟ୍‌ସ ୭ଟି ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍‌ସ ୮ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇବା ସହ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି ।